
ଅନୁଗୋଳ ସହରରେ ଗୁରୁବାର ଭସାଣି ଶୋଭାଯାତ୍ରା ବେଳେ ହେମସୁରପଡ଼ା ମେଢ଼।


ଶୋଭାଯାତ୍ରାରେ ଅମଲାପଡ଼ା ମେଢ଼।


ଭସାଣି ଶୋଭାଯାତ୍ରା ବେଳେ ମା'ଙ୍କ ମେଢ଼ ସମ୍ମୁଖରେ ଲୋକନୃତ୍ୟ ପରିବେଷଣ କରାଯାଉଛି।


ଭସାଣି ଶୋଭାଯାତ୍ରା ବେଳେ ଯୋଡ଼ି ଶଙ୍ଖ ପରିବେଷଣ।

# ବିଦାୟ ନେଲେ ଜଗଜ୍ଜନନୀ

**ଅନୁଗୋଳ ଅଫିସ/ ବଇଣ୍ଡା/ ବଅଁରପାଳ/ କଣିହାଁ/ ଛେଣ୍ଡିପଦା, ୬।୧୦(ଡି.ଏନ.ଏ)**

ଅନୁଗୋଳ ସହରରେ ଧୁମ୍‌ଧାମରେ ପୂଜା ପାଳନ ପରେ ଗୁରୁବାର ମା' ଦୁର୍ଗାଙ୍କୁ ବିଦାୟ ଦିଆଯାଇଛି। ସକାଳୁ ବିଳମ୍ବିତ ରାତି ଯାଏ ଏହି ଭସାଣି ଶୋଭାଯାତ୍ରା ଚାଲିଥିଲା। ପ୍ରଶାସନ ପକ୍ଷରୁ ବିଭିନ୍ନ କମିଟିକୁ ଭିନ୍ନ ଭିନ୍ନ ସମୟ ଦିଆଯାଇଥିବାରୁ ସେହି ଅନୁଯାୟୀ କମିଟି ପକ୍ଷରୁ ମେଢ଼କୁ ସହର ପରିକ୍ରମା କରାଯାଇଥିଲା। ବିଶେଷକରି ଅମଲାପଡ଼ା, ଶିମିଳିପଡ଼ା, ହେମସୁରପଡ଼ା, ହୁଲୁରୁସିଂହା, ବସଷ୍ଟାଣ୍ଡ, ଦଶହରାପଡ଼ିଆ ଓ ରାଣିଗୁଡ଼ା ମେଢ଼ ଶୋଭାଯାତ୍ରା ବେଶ୍ ଆକର୍ଷଣୀୟ ହୋଇଥିଲା। ବିଭିନ୍ନ ବାଦ୍ୟ, ଲୋକ ନୃତ୍ୟ ଦଳଙ୍କୁ ଏଥିରେ ସାମିଲ କରାଯାଇଥିଲା। ଶୋଭାଯାତ୍ରା ଯେପରି ଶୃଙ୍ଖଳିତ ହେବ ସେଥିପାଇଁ ପୋଲିସ ପକ୍ଷରୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଝିପି ଝିପି ବର୍ଷା ସତ୍ତ୍ୱେ ଭସାଣି ଶୋଭାଯାତ୍ରା ଦେଖିବାକୁ ସହରରେ ପ୍ରବଳ ଜନ ସମାଗମ ହୋଇଥିଲା। ସହର ପରିକ୍ରମା ପରେ ମେଢ଼ ଗୁଡ଼ିକୁ ଜଳାଶୟରେ ବିର୍ସଜନ କରାଯାଇଥିଲା।

ସେହିପରି କିଶୋରନଗର ବ୍ଲକ ବଇଣ୍ଡାରେ ଭସାଣି ଉତ୍ସବ ପାଳିତ ହୋଇଯାଇଛି। ମା'ଙ୍କୁ ବାଜା, ବାଣ ଆଦି ବିରାଟ ପଟୁଆରେ ବଇଣ୍ଡା ଓ ଆଖପାଖ ଗ୍ରାମ ପରିକ୍ରମା କରାଯାଇ ଚନ୍ଦନ ପୋଖରୀରେ ବିସର୍ଜନ କରାଯାଇଥିଲା। କମିଟିର ଗିରିଶ ଚନ୍ଦ୍ର ବେହେରା, ଶଙ୍କର ଦାସ, ପ୍ରଦୀପ ପ୍ରଧାନ, ବିକାଶ ସାହୁ, ଲମ୍ବୋଦର ପାତ୍ରଙ୍କ ସମେତ ପୂଜା କମିଟିର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ବଇଣ୍ଡା ପୋଲିସ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲା। ସେହିପରି ନାଲ୍‌କୋ ସାର୍ବଜନୀନ ଦୁର୍ଗା ପୂଜା କମିଟି ପକ୍ଷରୁ ଭସାଣି ଉତ୍ସବ ପାଳିତ ହୋଇଥିଲା। ଘଣ୍ଟବାଦ୍ୟ, ଲଉଡି ଖେଳ ସହ ବିଭିନ୍ନ ବାଦ୍ୟ ବାଜଣାରେ ନାଲ୍‌କୋନଗର ପ୍ରକମ୍ପିତ ହୋଇଥିଲା। ବାଦ୍ୟନୃତ୍ୟ ସହକାରେ ଠାକୁରାଣୀଙ୍କୁ ନାଲ୍‌କୋନଗର ପରିକ୍ରମା କରାଯାଇ ନିକଟସ୍ଥ ଜଳାଶୟରେ ବିସର୍ଜନ କରାଯାଇଥିଲା। ସଭାପତି ବି.ଆର୍. ପଟ୍ଟନାୟକ, ସମ୍ପାଦକ ମନୋଜ ସ୍ୱାଇଁ, କିଶୋର ମିଶ୍ର, ଯତୀନ ମିଶ୍ର, ସୁବାସ ଗଡନାୟକ, ନଟବର ମହାନ୍ତି, ହରେକୃଷ୍ଣ ନାଥ, ପ୍ରଶାନ୍ତ ସାମଲ, ସ୍ୱରୂପ ଗଡନାୟକ, ଲିଟୁ ସିଂ, ଅଶୋକ ଦେହୁରୀ, ଲଲାଟେନ୍ଦୁ ମହାପାତ୍ର, ଚିତ୍ତ ମୁଦୁଲି ପ୍ରମୁଖ ଭସାଣି କାର୍ଯ୍ୟ ପରିଚାଳନା କରିଥିଲେ। କଣିହାଁ ବ୍ଲକ ଅଞ୍ଚଳର କୁଲେଇ, ଡଙ୍ଗରବେଡା, ସାନକାକୁଡିଆ, ଜମାନିଆ, ବଇଣ୍ଡା, ଭୂଇଁପୁର, ରେଙ୍ଗାଳି, ବଜ୍ରକୋଟ ଆଦି ଗ୍ରାମରେ ଦୁର୍ଗାପୂଜା ପାଳିତ ହୋଇଯାଇଛି। ଡେରେଙ୍ଗ ଗ୍ରାମରେ ଭସାଣି ଉତ୍ସବ ବେଳେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବର୍ଷା ସତ୍ତ୍ୱେ ପାଇକ ଆଖଡ଼ା ଦଳ ଯୁଦ୍ଧ କୌଶଳ ପ୍ରଦର୍ଶନ କରିଥିଲେ। ସନ୍ଧ୍ୟାରେ ରାବଣ ପୋଡ଼ି କାର୍ଯ୍ୟକ୍ରମ ହୋଇଥିଲା। ଶନିବାର ପର୍ଯ୍ୟନ୍ତ ନାଟକ ପରିବେଷଣ ହେବ। ଛେଣ୍ଡିପଦା ବ୍ଲକ ଜରପଡା ଗ୍ରାମ୍ୟ ପରିଚାଳନା କମିଟି ଓ ଦୁର୍ଗାପୂଜା କମିଟି ପକ୍ଷରୁ ହାଟପଦାଠାରେ ଗୁରୁବାର ରାବଣପୋଡି ଓ ଆଙ୍ଖାଲଡ୍ଡୁ ନିଲାମ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜରପଡା ଥାନା ଅଧିକାରୀ ସରୋଜକାନ୍ତ ସାମଲ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ରସାନନ୍ଦ ସାହୁ, ଭୋଳେଶ୍ୱର ପ୍ରଧାନ, ଜିଲା ପରିଷଦ ସଭ୍ୟା ଭାନୁପ୍ରିୟା ପ୍ରଧାନ, ଜରପଡା ସରପଞ୍ଚ ବିଦେଶୀ ବେହେରା ପ୍ରମୁଖ ଯୋଗଦେଇଥିଲେ। ଆଙ୍ଖାଲଡ୍ଡୁକୁ ଜେରେଙ୍ଗ ଦେହୁରୀସାହି ଗ୍ରାମର ସିପୁନ ଦେହୁରୀ ୩୧ ହଜାର ୩ ଶହ ୧ ଟଙ୍କାରେ ନିଲାମ ନେଇଥିଲେ। ପରେ ବିରାଟ ପଟୁଆରରେ ମା'ଙ୍କୁ ଗ୍ରାମ ପରିକ୍ରମା କରାଯାଇ ବାଉରୀ ନଦୀରେ ବିସର୍ଜନ କରାଯାଇଥିଲା।


ଶୋଭାଯାତ୍ରାରେ ଦଶହରାପଡ଼ିଆ ମେଢ଼।


ଶୋଭାଯାତ୍ରା ବେଳେ କଳାକାର ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।


ପୁରୀରୁ ଆସିଥିବା ନାଗା ନୃତ୍ୟ ପରିବେଷଣ କରାଯାଉଛି।


ହେମସୁରପଡ଼ା ମେଢ଼ ଭସାଣି ବେଳେ ଆଦିବାସୀ ନୃତ୍ୟ ପରିବେଷଣ।


ରାବଣ ବେଶରେ ଜଣେ କଳାକାର।


କଳାକାରମାନେ ବାଘ ନୃତ୍ୟ ପରିବେଷଣ କରୁଛନ୍ତି।


ଶୋଭାଯାତ୍ରା ବେଳେ ନାଲ୍‌କୋନଗର ସାର୍ବଜନୀନ ଦୁର୍ଗା ପୂଜା ମେଢ଼ ଓ କମିଟି କର୍ମକର୍ତ୍ତାମାନେ।


କିଶୋରନଗର ବ୍ଲକ ବଇଣ୍ଡାଠାରେ ମା'ଙ୍କୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଉଛି।


ଛେଣ୍ଡିପଦା ବ୍ଲକ ବାଗଡ଼ିଆଠାରେ ମା'ଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।


ଛେଣ୍ଡିପଦା ବ୍ଲକ ଜରପଡା ଗ୍ରାମ ପରିଚାଳନା କମିଟି ଓ ଦୁର୍ଗାପୂଜା କମିଟି ପକ୍ଷରୁ ରାବଣ ପୋଡ଼ି ବେଳେ ମଞ୍ଚାସୀନ ଅତିଥିମାନେ।


କଣିହାଁ ବ୍ଲକ ଡେରେଙ୍ଗ ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ।

## ବନ୍ଧୁକ ଜବତ, ଜଣେ ଗିରଫ

**ଢେଙ୍କାନାଳ ଅଫିସ:** ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅଞ୍ଚଳରେ ବୁଧବାର ରାତିରେ ବନ୍ଧୁକ ଦେଖାଇ ଲୋକଙ୍କୁ ଭୟଭୀତ କରୁଥିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ କୁରୁମଟାଙ୍ଗର ଗ୍ରାମର ଅଜୟ ପରିଡ଼ା। ତାଙ୍କ ନିକଟରୁ ଏକ ବନ୍ଧୁକ ଜବତ କରାଯାଇଥିବା ପୋଲିସ କହିଛି।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

**କାମାକ୍ଷାନଗର, ୬।୧୦(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ମହୁଲପାଳ-ଜିରାଳ ପୂର୍ତ୍ତ ବିଭାଗ ରାସ୍ତାର ଦାନପଶି ଛକ ନିକଟରେ ଏକ ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭଏରପୁର ପଞ୍ଚାୟତ ଅନ୍ତର୍ଗତ ଘଟଘଟିଆ ଗ୍ରାମର ମୋହନ ନାୟକ। ମୋହନ ବାଇକ୍‌ରେ କାମାକ୍ଷାନଗର ଅଭିମୁଖେ ଯାଉଥିବାବେଳେ ବିପରୀତ ପାର୍ଶ୍ୱରୁ ଉକ୍ତ ଗାଡ଼ି ଧକ୍କା ଦେଇ ଦ୍ରୁତଗତିରେ ପଳାଇଥିଲା। ତାଙ୍କୁ ୧୦୮ ଆମ୍ବୁଲାନ୍ସରେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

### ୪୫ ହଜାରରେ ଆଞ୍ଚାଲଡୁ ନିଲାମ



**ପରଜଙ୍ଗ, ୬।୧୦(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପିଚିରି ପଞ୍ଚାୟତ ଅନ୍ତର୍ଗତ ଖାଲପାଳ ଗ୍ରାମର ଡାହିସାହି ପୂଜା କମିଟି ତରଫରୁ ମହାସମାରୋହରେ ଦୁର୍ଗାପୂଜା ପାଳିତ ହୋଇଯାଇଛି। ୪୫ ହଜାର ୬୦୦ ଟଙ୍କାରେ ମା’ଙ୍କ ଆଞ୍ଚାଲଡୁ ନିଲାମ ହୋଇଛି। ନିରୁପମା ମହାନ୍ତି ଏହାକୁ ନିଲାମ ନେଇଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଞ୍ଜୟ ବର୍ମା, ସମ୍ମାନିତ ଅତିଥି ଅଶୋକ ବର୍ମା ଯୋଗଦେଇଥିଲେ। ପୂଜା କମିଟି ପକ୍ଷରୁ ନିରୁପମାଙ୍କୁ ପୁଷ୍ପମାଳ ଓ ମୁକୁଟ ପିନ୍ଧାଇ ସମ୍ବର୍ଦ୍ଧିତ କରାଯାଇଥିଲା।

### ଚୋରି ଅଭିଯୁକ୍ତଙ୍କୁ ପୋଲିସ ଜିମା

**ଅନୁଗୋଳ ଅଫିସ, ୬।୧୦:** ଅନୁଗୋଳ ଶିକ୍ଷକପଡ଼ାସ୍ଥିତ ଏକ ଟେଲିଫୋନ ଟାୱାରରୁ ତାର ଚୋରି ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଧରି ଟାୱାର କର୍ମଚାରୀମାନେ ପୋଲିସ ଜିମା ଦେଇଛନ୍ତି। ଏ ନେଇ କର୍ମଚାରୀ ଗୋପୀନାଥ ସ୍ୱାଇଁ ଅନୁଗୋଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୫୨୭/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ୪ ତାରିଖ ପୂର୍ବାହ୍ନ ୮ଟାରେ ଟାୱାର କର୍ମଚାରୀମାନେ ସାଇଟ ଡାଉନ ମେସେଜ ପାଇ ଶିକ୍ଷକପଡ଼ା ଟାୱାର ନିକଟରେ ପହଞ୍ଚିଥିଲେ। ଏହି ସମୟରେ ଅଭିଯୁକ୍ତ ଜଣକ ହାତରେ ପ୍ଲାସ ଓ କିଛି ତାର ଧରି ଖସିଯିବାକୁ ଉଦ୍ୟମ କରିଥିଲେ। କର୍ମଚାରୀମାନେ ତାଙ୍କୁ ଧରିବା ସହ ବ୍ୟାଟେରି, ତାର କଟାଯାଇଥିବା ଦେଖିବାକୁ ପାଇଥିଲେ। ପରେ ତାଙ୍କୁ ପୋଲିସରେ ଜିମା ଦେଇଥିବା ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ବଳଦଯାତ୍ରା ପାଇଁ ଉତ୍ସବମୁଖର ଭୁବନ

■ବିସର୍ଜନ ଶୋଭାଯାତ୍ରାରେ ୧୩ ମେଢ
■୩ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ

**ଭୁବନ, ୬।୧୦(ଡି.ଏନ୍.ଏ.)**



ଅନୁକୂଳ ଯାତ୍ରାରେ ସାମିଲ ହୋଇଥିବା ବଳଦ।

ଐତିହ୍ୟସମ୍ପନ୍ନ ବଳଦଯାତ୍ରା ଏବଂ ମା’ ଦୁର୍ଗାଙ୍କ ଭସାଣି ପାଇଁ ଉତ୍ସବମୁଖର ହୋଇଉଠିଛି ଭୁବନ ସହର। ବିସର୍ଜନ ଶୋଭାଯାତ୍ରାରେ ୩୨ ବଳଦ ଏବଂ ୧୩ ମେଢ଼ ସାମିଲ ହୋଇଛନ୍ତି। ଲୋକବାଦ୍ୟ, ଲୋକନୃତ୍ୟ, ବାଜାବାଣରେ ପରିବେଶ କମ୍ପି ଉଠିଛି।

ଦୁଇଦିନ ଧରି ଆୟୋଜିତ ବଳଦଯାତ୍ରା ଏବଂ ଦଶହରା ଉତ୍ସବର ବୁଧବାର ଥିଲା ଅନୁକୂଳ ଯାତ୍ରା। ବଣିଆ, ଥୋରିଆ ଏବଂ କାଚରା ସମ୍ପ୍ରଦାୟର ଲୋକେ ମିଳିତ ଭାବେ ଏହାର ଶୁଭାରମ୍ଭ କରିଥିଲେ। ନିଜ ନିଜ ମଣ୍ଡପରେ ପୂଜାର୍ଚ୍ଚନା ପରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ସମସ୍ତେ ସମବେତ ହୋଇଥିଲେ। ମା’ ହିଙ୍ଗୁଳାଙ୍କ ପୀଠରୁ ଆଜ୍ଞାମାଳ ଅଣାଯିବା ପରେ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଏମ୍‌ପି ମହେଶ ସାହୁ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ କାଚରା ସମ୍ପ୍ରଦାୟ ପକ୍ଷରୁ ମାନ୍ୟଗଣ୍ୟ ବ୍ୟକ୍ତି, ପ୍ରଶାସନିକ ଅଧିକାରୀ, ଶାନ୍ତି କମିଟି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବଣିଆ ସମ୍ପ୍ରଦାୟ ପକ୍ଷରୁ ଜଗନ୍ନାଥଙ୍କ ଚଳନ୍ତି ବିଗ୍ରହକୁ ଯାତ୍ରାରେ ସାମିଲ କରାଯାଇଥିଲା। ଥୋରିଆ ସମ୍ପ୍ରଦାୟ ପକ୍ଷରୁ ପାରମ୍ପରିକ ନୀତି ଅନୁଯାୟୀ ବ୍ୟବସାୟ ଅନୁକୂଳ କରାଯାଇଥିଲା। ବଡ଼ହାଟଠାରେ ବଙ୍ଗୀୟ ପରମ୍ପରା ଅନୁଯାୟୀ ପାଞ୍ଜି ପାଠ କରାଯାଇଥିଲା। ଗୁଲୁରିହାଟ, ଗୋପାଳମଣ୍ଡପରେ ସମସ୍ତ ୩୨ ବଳଦ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପୁରାତନ ପରମ୍ପରା ଉଜ୍ଜୀବିତ ପୂର୍ବକ ବଣିଆଙ୍କ କୋଠଘର ନିକଟରେ ଥୋରିଆମାନେ ଲୁଣ ମାପ କରିଥିଲେ। ନଗରପାଳ ଶୁଭେନ୍ଦୁ କୁମାର ସାହୁ, ସହର ସଙ୍ଗଠନ ସଭାପତି ବାସୁଦେବ ବେହେରା, ବରିଷ୍ଠ କର୍ମକର୍ତ୍ତା କୁଞ୍ଜବିହାରୀ ଚିନ୍ନାରା, ଦିଲୀପ ଦାସ, ଶ୍ରୀଧର ବେହେରା, ବାସୁଦେବ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ। ରାତି ୨ଟାରେ ଯାତ୍ରା ସମ୍ପନ୍ନ ହୋଇଥିଲା। ଅତିରିକ୍ତ ଏସ୍‌ପି ପୁରୁଷୋତ୍ତମ ସେଠୀ, ଏସ୍‌ଡିପିଓ ରଞ୍ଜନ କୁମାର ଦେ, ଆଇଆଇସି ସୌଭାଗ୍ୟ କୁମାର ସ୍ୱାଇଁ, ୫ ଇନ୍ସପେକ୍ଟର, ୨୦ ଅଫିସରଙ୍କ ସମେତ ୩ ପ୍ଲାଟୁନ୍ ଫୋର୍ସ ଓ ହୋମ୍‌ଗାର୍ଡ ଶାନ୍ତିଶୃଙ୍ଖଳାରେ ନିୟୋଜିତ ହୋଇଥିଲେ।

ସେହିପରି ଗୁରୁବାର ସନ୍ଧ୍ୟା ୭ଟାରୁ ବିସର୍ଜନ ପର୍ବ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ରାତି ସାଢ଼େ ୯ଟାରେ ପାଲାମଣ୍ଡପରେ ରାବଣପୋଡ଼ି ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଯୋଗ ଦେଇ ଅଗ୍ନି ସଂଯୋଗ କରିଥିଲେ। ନଗରପାଳ ଶୁଭେନ୍ଦୁ କୁମାର ସାହୁ, ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ତହସିଲଦାର ରୋଜାଲିନ ବେହେରା ଅତିଥି ଭାବେ ଯୋଗଦେଇଥିଲେ। ରାବଣପୋଡ଼ି କ୍ରିୟାନୁଷ୍ଠାନ କମିଟି ଏହାର ପରିଚାଳନା କରିଥିଲା। ଶୁକ୍ରବାର ମଧ୍ୟାହ୍ନ ସୁଦ୍ଧା ଭସାଣି ସମ୍ପନ୍ନ ହେବ ବୋଲି ଶାନ୍ତିକମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

dklselfie@gmail.com



@ ରିଙ୍କି



@ ମିହିର



@ ଜିତେନ୍ଦ୍ରିୟ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭାଇଚାରା ବଜାୟ ରଖ



ବିଧାୟକ ସୁଧୀର କୁମାର ସାମଲ ଅଭିଭାଷଣ ଦେଉଛନ୍ତି।

**ଢେଙ୍କାନାଳ ଅଫିସ, ୬।୧୦**

ମହିମାଧର୍ମର ପ୍ରସିଦ୍ଧ ପୀଠ ଯୋରନ୍ଦା ମହିମାଗାଦିରେ ବୁଧବାର ବିଜୟା ଦଶମୀ ଅବସରରେ ୪୯ତମ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ କହିଲେ, ରାବଣପୋଡ଼ି ଅଧର୍ମ ଉପରେ ଧର୍ମର ବିଜୟ। ଭାଇଚାରା ବଜାୟ ରଖି ସାମୂହିକ ଉନ୍ନତିରେ ସାମିଲ ହେବାକୁ ସେ ଏହି ଅବସରରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ରାବଣ ପୋଡ଼ି କାର୍ଯ୍ୟକ୍ରମର ପ୍ରତିଷ୍ଠାତା ସାମାଜିକ କର୍ମୀ ପ୍ରଦୀପ କୁମାର ସାହୁ, ବ୍ଲକ ଅଧକ୍ଷା ରୀନାରାଣୀ ଖଟୁଆ, ଜିଲା ପରିଷଦ ସଭ୍ୟ ବିଶ୍ୱନାଥ ଚିନ୍ନାରା, ଯୋରନ୍ଦା ସମବାୟ ସମିତି ସଭାପତି ଚିତ୍ତରଞ୍ଜନ ମହାନ୍ତି, ଯୋରନ୍ଦା ସରପଞ୍ଚ ଆରତି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ବିଜେଡି ସଭାପତି ବିଶ୍ୱନାଥ ଜେନାଙ୍କ ସଭାପତିତ୍ୱରେ ଅଧ୍ୟାପକ ପ୍ରେମାନନ୍ଦ ନାୟକ ମଞ୍ଚ ପରିଚାଳନା କରିଥିଲେ। ଆତସବାଜି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# କମ୍ୟୁନିଟି ସେଣ୍ଟର ଶିଳାନ୍ୟାସ

**ଅନୁଗୋଳ ଅଫିସ,୬।୧୦**

ପବିତ୍ର ବିଜୟା ଦଶମୀ ଓ ଦେଶର ସର୍ବକନିଷ୍ଠ ସ୍ୱାଧୀନତା ସଂଗ୍ରାମୀ ଶହୀଦ ବାଜି ରାଉତଙ୍କ ଜୟନ୍ତୀ ଅବସରରେ ବୁଧବାର ତାଳଚେର ଦେଉଳବେଡା ତେଲିସାହିଠାରେ ମହାନଦୀ କୋଲ ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଦ୍ୱାରା ନିର୍ମାଣ ହେବାକୁ ଥିବା କମ୍ୟୁନିଟି ସେଣ୍ଟରର ଭିତ୍ତିପ୍ରସ୍ତର ସ୍ଥାପନ ସହ ଏକ ମୁଖ୍ୟ ଫାଟକର ଭୂମିପୂଜନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଥିଲେ, କମ୍ୟୁନିଟି ସେଣ୍ଟର ନିର୍ମାଣ ହେଲେ ବିବିଧ ପର୍ବପର୍ବାଣିରେ ଏହା ସାଂସ୍କୃତିକ ଓ ଧାର୍ମିକ କାର୍ଯ୍ୟରେ ସହାୟକ ହେବ। ଗ୍ରାମବାସୀ ଏହାର ସୁବିଧା ନେଇପାରିବେ। ଏହି କାମକୁ ଶୀଘ୍ର ସାରିବାକୁ ଏମ୍‌ସିଏଲ୍‌ର ଅଧିକାରୀଙ୍କୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ପରାମର୍ଶ ଦେଇଥିଲେ। ସେହିପରି ବିଜୟା ଦଶମୀ ଅବସରରେ ଅନୁଗୋଳ ଜିଲା ତାଳଚେର ସାଉଥ ବଲଣ୍ଡାଠାରେ ଅନୁଷ୍ଠିତ ରାବଣପୋଡ଼ି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଯୋଗ ଦେଇଥିଲେ।

# ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଗୁରୁତ୍ୱ

**ଢେଙ୍କାନାଳ ଅଫିସ, ୬।୧୦**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଷଡ଼ଙ୍ଗୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପରିବେଶବିତ୍ ହରିହର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେଲେ ଜଙ୍ଗଲ ତିଷ୍ଠିବ। ଜଙ୍ଗଲ ରହିଲେ ବର୍ଷା ଭଲ ହେବ। ବର୍ଷା ଭଲ ହେଲେ ଅଧିକ ଫସଲ ଉତ୍ପାଦନ ହେବ। ସୁସ୍ଥ ପରିବେଶ ଗଠନ ହୋଇପାରିବ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ, ଶିକ୍ଷକ ଏଥିରେ ସହଯୋଗ କରିଥିଲେ।

# ବର୍ଷା ବିଗାଡ଼ିଲା ପୂଜା ମଉଜ



ଗ୍ରାମବାସୀ ପାଇକ ଆଖଡ଼ା ପ୍ରଦର୍ଶନ କରୁଛନ୍ତି।

**ପରଜଙ୍ଗ, ୬।୧୦(ଡି.ଏନ୍.ଏ.)**

ଦୀର୍ଘ ଦୁଇବର୍ଷ ପରେ ଜାକଜମକର ସହ ଦଶହରା ପର୍ବ ପାଳନ କରିବାକୁ ଆସିଥିଲା ଅବସର। ହେଲେ ବର୍ଷା ପାଇଁ ଫିକା ପଡ଼ିଛି ଶାରଦୀୟ ମହୋତ୍ସବ। କେବଳ ମଣ୍ଡପରେ ମା’ଙ୍କ ନୀତିକାନ୍ତି ଏବଂ ଦର୍ଶନରେ ଶ୍ରଦ୍ଧାଳୁଙ୍କୁ ସନ୍ତୁଷ୍ଟ ହେବାକୁ ପଡ଼ିଛି।

ଢେଙ୍କାନାଳ ଜିଲାର ପରଜଙ୍ଗ, ଖାଲପାଳ, ଡମୋଳ, ସରାଙ୍ଗ, ବସୁଲେଇ, କୁଲେଇ, ମାଣିକମରାରେ ଦୁର୍ଗାପୂଜାକୁ ନେଇ ବ୍ୟାପକ ପ୍ରସ୍ତୁତି ହୋଇଥିଲା। ବିଶେଷ କରି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ଲାଗି ପୂଜା ପ୍ରତିଷ୍ଠାନଗୁଡ଼ିକ ଗୁରୁତ୍ୱ ଦେଇଥିଲେ। ହେଲେ ଲଗାଣବର୍ଷା ଏହାକୁ ଭଣ୍ଡୁର କରିଦେଇଛି। ତେବେ ସପ୍ତମୀରୁ ବିଜୟା ଦଶମୀ ପର୍ଯ୍ୟନ୍ତ ମଣ୍ଡପରେ ମା’ଙ୍କ ବିଧିବଦ୍ଧ ପୂଜାର୍ଚ୍ଚନା କରାଯାଇଥିଲା। ପରଜଙ୍ଗ ଗ୍ରାମ ଚୌପାଢ଼ୀରେ ଗ୍ରାମବାସୀ ଏକାଠି ହୋଇ ମା’ଙ୍କ ଆବାହନ କରିଥିଲେ। ମନୋରଞ୍ଜନ ପାଇଁ ପାଇକ ଆଖଡ଼ା ଏବଂ ରାବଣପୋଡ଼ି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଗୁରୁବାର ଅପରାହ୍ନରେ ମା’ଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗ୍ରାମ୍ୟ କମିଟି ସଭାପତି ବିଭୂତି ଭୂଷଣ ସାମଲ, ସମ୍ପାଦକ ବିନୟ କୁମାର ଦାସ, କମିଟି ସଦସ୍ୟ ଶ୍ରୀକାନ୍ତ ଦଳବେହେରା, ଅନ୍ତର୍ଯ୍ୟାମୀ ଦଳବେହେରା, ଉତ୍ସବାନନ୍ଦ ସାମଲ, ବେଣୁଧର ଗଡ଼ନାୟକଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ବିଜୟା ସମ୍ମାନ



ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ବିଜୟା ସମ୍ମାନରେ ସମ୍ମାନିତ କରାଯାଉଛି।

**ଢେଙ୍କାନାଳ ଅଫିସ, ୬।୧୦**

ଢେଙ୍କାନାଳର ବିଶିଷ୍ଟ ଭାଷାବିତ୍, ଗବେଷକ ଓ ଗ୍ରନ୍ଥକାର ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ଗତ ବୁଧବାର ଭଦ୍ରକର ଭାଗବତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ସାରସ୍ୱତ ମିଳନ ଉତ୍ସବରେ ବିଜୟା ସମ୍ମାନ–୨୦୨୨ରେ ସମ୍ମାନିତ କରାଯାଇଛି। ତାଙ୍କୁ ମାନପତ୍ର, ଉପଢ୍ୌକନ, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ପଣ୍ଡିତ ମିଶ୍ର ଅଭିଭାଷଣରେ କହିଲେ, ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରୁ ଭଦ୍ରକର ଲିପିବଦ୍ଧ ଇତିହାସ ରହିଛି। ଏହାର ସାରସ୍ୱତ ଭିତ୍ତିଭୂମି ସୁଦୃଢ଼। ଏହି ଅବସରରେ ସେ ବିଜୟା ମିଳନର ପ୍ରତିଷ୍ଠାତା ଅପୂର୍ବ ରଞ୍ଜନ ରାୟଙ୍କ ସ୍ମୃତିଚାରଣ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ, ସମ୍ମାନିତ ଅତିଥି ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ପ୍ରାଧାପକ ଶାନ୍ତନୁ ମହାନ୍ତି, କବୟିତ୍ରୀ ମନୋରମା ବିଶ୍ୱାଳ ମହାପାତ୍ର, ପ୍ରାଧାପକ ମନୋରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ରୂପକ ବିହାରୀ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ରାଧାରାଣୀ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ‘ଅସତ୍ୟ ଉପରେ ସତ୍ୟର ବିଜୟ ହୋଇଛି’

**ଢେଙ୍କାନାଳ ଅଫିସ, ୬।୧୦**

ଢେଙ୍କାନାଳର ‘ପ୍ରୟାସ’ ଅନୁଷ୍ଠାନ ପକ୍ଷରୁ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ୧୯ତମ ରାବଣପୋଡ଼ି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଲେ, ଅସତ୍ୟ ଉପରେ ସତ୍ୟର ବିଜୟ ହୋଇଛି। କରୋନାରୂପୀ ରାବଣ ଆମକୁ କବଳିତ କରି ରଖିଥିଲା। ସାମୂହିକ ଇଚ୍ଛାଶକ୍ତି ଯୋଗୁ କରୋନା ସଂକ୍ରମଣକୁ ରୋକିବା ପାଇଁ ୨୦୦ କୋଟିରୁ ଊର୍ଦ୍ଧ୍ୱ ଟିକାକରଣ ହୋଇଛି। ଢେଙ୍କାନାଳର ସର୍ବାଙ୍ଗୀନ ଉନ୍ନତି ପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି। ପୂର୍ବତନ ରାଜ୍ୟସଭା ସଦସ୍ୟ ରୁଦ୍ରନାରାୟଣ ପାଣି, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ପୌରାଧକ୍ଷା ଜୟନ୍ତୀ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ ଯୋଗଦେଇ ଯୋରନ୍ଦା ରୋଡ୍ ରେଲଷ୍ଟେଶନଠାରୁ କପିଳାସ–ଯୋରନ୍ଦା ମଧ୍ୟରେ ବ୍ରାହ୍ମଣୀ ନଦୀରେ ଏକ ସେତୁ ନିର୍ମାଣ ଏବଂ ଭୁବନଠାରେ ବୁଢ଼ାପଙ୍କ–ସୁକିନ୍ଦା ରେଳଧାରଣାରେ ଏକ ନୂତନ ରେଳଲାଇନ ସଂଯୋଗ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସ୍ୱଚ୍ଛସାଥୀ ଅଭାଗିନୀ ସାହୁ, ସ୍ୱଚ୍ଛତା ପାଇଁ ଅଙ୍କିତା ସାହୁ, କୃତୀଛାତ୍ର ଦୀପ୍ତିରଞ୍ଜନ ସାହୁ, ରକ୍ତଦାତା ଭାବେ ସିଦ୍ଧାର୍ଥ ବେହେରା, ପରିବେଶବିତ୍ ଶୁଭ୍ରାଂଶୁ ଶତପଥୀ, ସାମାଜିକ କର୍ମୀ ଅଲେଖ ବିହାରୀ ସାହୁ, ଶିକ୍ଷାବିତ୍ ଡ. ସମୀର କୁମାର ସାହୁ, ମୂର୍ତ୍ତି କାରିଗର ନିମାଇଁ ଚରଣ ମୁଦୁଲି, ଚାଷୀ ବିଜୟ କୁମାର ସାହୁ, ପରିବେଶବିତ୍ ସ୍ୱଦେଶ ରଞ୍ଜନ ପଟ୍ଟନାୟକ, ମଞ୍ଚ ପରିଚାଳକ ସତ୍ୟନାରାୟଣ କର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ରାବଣପୋଡ଼ି ଏବଂ ଆତସବାଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିପୂର୍ବରୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରାମଚନ୍ଦ୍ର ପାତ୍ର, ମାତୃପ୍ରସାଦ ନନ୍ଦ, ଯଶୋବନ୍ତ ମହିମା ପ୍ରମୁଖ ଏଥିରେ ସହଯୋଗ କରିଥିଲେ।



ଅତିଥିମାନେ ଜଣେ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ୧୦ରେ ରାଜ୍ୟପାଳଙ୍କ ଢେଙ୍କାନାଳ ଗସ୍ତ



ଏସ୍‌ପି ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୬।୧୦**

ପ୍ରସିଦ୍ଧ ଲକ୍ଷ୍ମୀପୂଜା ଅବସରରେ ଆସନ୍ତା ୧୦ ତାରିଖରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଢେଙ୍କାନାଳ ଗସ୍ତ କାର୍ଯ୍ୟକ୍ରମ ରହିଛି। ସେ ଲକ୍ଷ୍ମୀବଜାର ପୂଜା ପ୍ରତିଷ୍ଠାନର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଯୋଗଦେବେ। ରାଜ୍ୟପାଳଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଗୁରୁବାର ଅପରାହ୍ନରେ ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି. ଲକ୍ଷ୍ମୀବଜାର ପୂଜା ମଣ୍ଡପ ନିକଟରେ ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି। ଗୋଇନ୍ଦା ବିଭାଗ ଡିଏସ୍‌ପି ଅରୁଣ କୁମାର ସାହୁ, ସଦର ଏସ୍‌ଡିପିଓ ସୂର୍ଯ୍ୟମଣି ତ୍ରିପାଠୀ, ଟାଉନ ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ରଙ୍କ ସମେତ ପୂଜା କମିଟି ଉପସଭାପତି ଟିଙ୍କିନା ପାତ୍ର, ସମ୍ପାଦକ ରବି ବେହେରା, ସତ୍ୟସ୍ୱରୂପ ଦାସ, ମାୟାଧର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

